# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 7 September – 2026

**********************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଦୁପଯୋଗ କରି ଛାତ୍ରଛାତ୍ରୀଙ୍କୁ ଉଦ୍ୟୋଗୀ ହେବା ପାଇଁ ରାଜ୍ୟପାଳଙ୍କ ପରାମର୍ଶ
- ରାଜ୍ୟର ସମସ୍ତ ଦୁର୍ବଳ ଓ ବିପଦସଂକୁଳ ଅବସ୍ଥାରେ ଥିବା ସରକାରୀ ଓ ବେସରକାରୀ ଘରକୁ ଭାଙ୍ଗିବା ପାଇଁ ପଦକ୍ଷେପ  ନେବେ ସରକାର
- ରାଜ୍ୟରେ ଖରିଫ ଧାନ ବିକ୍ରି କରିବା ପାଇଁ ୨୧ ଲକ୍ଷ ୪୨ ହଜାର ଚାଷୀ କରିଛନ୍ତି ପଞ୍ଜୀକରଣ
- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅପରାହ୍ନରେ ଅନୁଷ୍ଠିତ ହେବ ରାଜ୍ୟ କ୍ୟାବିନେଟ୍ ବୈଠକ

ଏବଂ

- ଜଳବାୟୁ କାର୍ଯ୍ୟାନ୍ୱୟନ ପାଇଁ ସ୍ୱଚ୍ଛ ବାୟୁର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଆନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ

# ରାଜ୍ୟପାଳ- ସମାବର୍ତ୍ତନ ଉତ୍ସବ

ଦ୍ରୁତ ପରିବର୍ତ୍ତନଶୀଳ ପ୍ରଯୁକ୍ତିବିଦ୍ୟାର ସମୟରେ ବିଦ୍ୟାର୍ଥୀଙ୍କ ଚରିତ୍ର ସଫଳତାର ମାପକାଠି ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୬ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ଡକ୍ଟର କମ୍ଭମପାଟି କହିଛନ୍ତି, ଜାତୀୟ ଶିକ୍ଷାନୀତି-୨୦୨୦ ଅନୁଯାୟୀ ସରକାର ପାଠ୍ୟକ୍ରମରେ ନବସୃଜନ, ଉଦ୍ଭାବନ, ଦକ୍ଷତା ଓ ପ୍ରଯୁକ୍ତିବିଦ୍ୟାକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ସୁବିଧାର ସଦୁପଯୋଗ କରି ଛାତ୍ରଛାତ୍ରୀଙ୍କୁ ଉଦ୍ୟୋଗୀ ହେବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି। ଏହି ଦୀକ୍ଷାନ୍ତ ସମାରୋହ ବିଦ୍ୟାର୍ଥୀଙ୍କର ପରିଶ୍ରମ, ସାଧନା ଓ ପ୍ରତିଭାର ଉତ୍ସବ। ସମସ୍ତ ଉପାଧି ପ୍ରାପ୍ତ ବିଦ୍ୟାର୍ଥୀଙ୍କୁ ରାଷ୍ଟ୍ର ନିର୍ମାଣର ନୂତନ ଉଚ୍ଚତା ସ୍ପର୍ଶ କରିବାକୁ ରାଜ୍ୟପାଳ କହିଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ସାମାଜିକ ଦାୟିତ୍ୱବୋଧତାକୁ ପୂରଣ କରିବା ସହ ସ୍ୱଚ୍ଛ ଶକ୍ତି, ଡିଜିଟାଲ ସାକ୍ଷରତା, ନିରନ୍ତର ବିକାଶକୁ ପ୍ରାଧାନ୍ୟ ଦେଇ ଆସୁଛି ବୋଲି ଶ୍ରୀ କମ୍ଭମପାଟି କହିଛନ୍ତି।

କାର୍ଯ୍ୟକ୍ରମରେ ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ କହିଛନ୍ତି, ପାରମ୍ପରିକ ଶିକ୍ଷା ଓ ଆଧୁନିକ କୃତ୍ରିମ ବୁଦ୍ଧିମତା ପ୍ରଯୁକ୍ତିବିଦ୍ୟାର ସଠିକ

ଉପଯୋଗ ଭବିଷ୍ୟତର ଗବେଷଣାକୁ ଏକ ନୂତନ ଦିଗ ଦେଖାଇବ। ଜ୍ଞାନ ଓ କୌଶଳର ସମ୍ମିଶ୍ରଣ ପ୍ରକୃତ ଦକ୍ଷତା ନିର୍ମାଣ କରି ଆଗାମୀ ଦିନରେ ରାଜ୍ୟ ଓ ଦେଶର ପ୍ରଗତିରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ଅବସରରେ ୬୫ ଜଣ ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଛି।

Desk

## ଭଙ୍ଗାଯିବ କୋଠା

ରାଜ୍ୟର ସମସ୍ତ ଦୁର୍ବଳ ଓ ବିପଦସଂକୁଳ ଅବସ୍ଥାରେ ଥିବା ସରକାରୀ ଓ ବେସରକାରୀ କୋଠାକୁ ଭଙ୍ଗାଯିବ ବୋଲି  ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି।  ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ରକୁ ଭାଙ୍ଗିବା ପାଇଁ ପୂର୍ବରୁ ସରକାରୀ ସ୍ତରରେ ନିର୍ଦ୍ଦେଶ ଦିଆଯାଇଥିଲା। ସହରରେ ଥିବା ସରକାରୀ ଓ ବେସରକାରୀ କୋଠାର ଚିହ୍ନଟ ପ୍ରକ୍ରିୟା କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।

**- V/O –**

Desk

## ରାଜ୍ୟ କ୍ୟାବିନେଟ୍

ରାଜ୍ୟ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ

ମାଝୀଙ୍କ ଅଧ୍ୟକ୍ଷତାରେ ଅପରାହ୍ଣରେ ବସିବାକୁ ଥିବା ଏହି ବୈଠକରେ ବିଭିନ୍ନ ବିଭାଗର କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ହୋଇ ମଞ୍ଜୁରି ପ୍ରଦାନ କରାଯିବ ।

Desk

## ଜ୍ଞାନ ପରୀକ୍ଷା ପୁରସ୍କାର

ଭୁବନେଶ୍ୱରରେ ଦଶପଲ୍ଲା ଯାଉଥିବା ମେମୁ ଟ୍ରେନ୍‌ରେ ନିଆରା ଢଙ୍ଗରେ ସାହିତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂର୍ବତଟ ରେଳପଥ ଓ ଭୁବନେଶ୍ୱରସ୍ଥିତ 'ଓ୍ୱାଙ୍କି ବୁକ୍‌ସ୍କୋୟାର୍ସ' ସହଯୋଗରେ ରେଳ ରିଡିଂ କ୍ୟାମ୍ପେନ୍- ଗିଫ୍ଟ ଏ ବୁକ' ଅଭିଯାନ ଆୟୋଜିତ ହୋଇଛି। ମେମୁରେ ଆୟୋଜିତ ଏହି ସାହିତ୍ୟ କାର୍ଯ୍ୟକ୍ରମରେ ୧୦୦ ଜଣ ପାଠକ, ଲେଖକ ଓ ସାହିତ୍ୟ ପ୍ରେମୀ ସାମିଲ ହୋଇଥିଲେ। ଯାତ୍ରୀମାନଙ୍କୁ ୨୦୦ଟି ପୁସ୍ତକ ବର୍ଣ୍ଟନ କରାଯାଇ ସାହିତ୍ୟ ଆଲୋଚନା ଯାତ୍ରାକୁ ଆକର୍ଷଣୀୟ କରାଯାଇଥିଲା। ଏହି ଯାତ୍ରାରେ ପ୍ରଖ୍ୟାତ ଲେଖକ ତଥା ସାହିତ୍ୟିକ ଜେରୀ ପିଣ୍ଟୋ, ଶରତ ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଦଶପଲ୍ଲାରେ ଟ୍ରେନ୍ ପହଁଞ୍ଚିବା ପରେ ରେଳ ଷ୍ଟେସନ୍‌ରେ 'ପ୍ଲାଟଫର୍ମରେ କବିତା' କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା।

Desk

## ମୁଖ୍ୟମନ୍ତ୍ରୀ– ମାର୍ଗଦର୍ଶନ

ସନାତନ ପରମ୍ପରା, ନୈତିକ ମୂଲ୍ୟବୋଧ ଓ ସାଂସ୍କୃତିକ ଜାଗରଣ ବିକଶିତ ଭାରତ ତଥା ସମୃଦ୍ଧ ଓଡ଼ିଶାର ସଂକଳ୍ପକୁ ସାକାର କରିବାର ପ୍ରକୃତ

ଶକ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶ୍ରୀକ୍ଷେତ୍ର ପୁରୀରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସନ୍ଥମାନଙ୍କ ଆଶୀର୍ବାଦ ଓ ଆଧ୍ୟାତ୍ମିକ ମାର୍ଗଦର୍ଶନ ରାଜ୍ୟର ବିକାଶ ଓ କଲ୍ୟାଣ ଯାତ୍ରାକୁ ଅଧିକ ଦିଗଦର୍ଶନ ପ୍ରଦାନ କରିବ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଛନ୍ତି, ଆଧ୍ୟାତ୍ମିକ ବାଣୀ ଓ ମାର୍ଗଦର୍ଶନ ସର୍ବଦା ମନରେ ଭକ୍ତି, ଶାନ୍ତି, ସକାରାତ୍ମକ ଭାବନା ଜାଗ୍ରତ କରିଥାଏ।

Desk

# ଖରିଫ୍ ଧାନ - ପଞ୍ଜୀକରଣ

ରାଜ୍ୟରେ ଖରିଫ୍ ଧାନ ସଂଗ୍ରହ ପାଇଁ ୨୧ ଲକ୍ଷ ୪୨ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି। ବନ୍ୟା ପାଇଁ ପଞ୍ଜୀକରଣ ପ୍ରକ୍ରିୟା ବିଳମ୍ବ ହୋଇଥିଲା। ଆଜି ଏହି ପ୍ରକ୍ରିୟା ଶେଷ ହେଉଛି ବୋଲି ମନ୍ତ୍ରୀ ଶ୍ରୀ ସାମନ୍ତ କହିଛନ୍ତି।

**- V/O -**

ଗତମାସ ୬ ତାରିଖରୁ ଏହି ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ବରଗଡ଼ ଜିଲ୍ଲାରୁ ସର୍ବାଧିକ ୧ ଲକ୍ଷ ୮୩ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି । ଗତବର୍ଷ ତୁଳନାରେ ଚଳତ ବର୍ଷ ଗତ ଶନିବାର ପର୍ଯ୍ୟନ୍ତ ପ୍ରାୟ ୨ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକୃତ ହୋଇଥିବା ଜଣାପଡ଼ିଛି।

Puri

## କାଳୀୟଦଳନ ବେଶ

ଭାଦ୍ରବ କୃଷ୍ଣପକ୍ଷ ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉଙ୍କର କାଳୀୟଦଳନ ବେଶ ଓ ଧେନୁକାସୁର ବଧ ପ୍ରସ୍ତାବ ନୀତି ଅନୁଷ୍ଠିତ ହେବ । ମଧ୍ୟାହ୍ନ ଧୂପ ନୀତି ପରେ  ମଦନମୋହନ ଓ ରାମକୃଷ୍ଣଙ୍କୁ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ବିଜେ କରାଇବା ସହ ପୁଷ୍ପାଳକ ସେବକମାନେ ମହାପ୍ରଭୁଙ୍କୁ ଝୁଲଣ ମଣ୍ଡପ ନିକଟସ୍ଥିତ ପାଲିଙ୍କିରେ ବିଜେ କରାଇବେ। ପରେ ଠାକୁରମାନେ ଶ୍ରୀମନ୍ଦିର ବେଢ଼ା ପରିକ୍ରମା କରି ଲୋକନାଥ ରୋଡରେ ଥିବା ଲବଣିଖିଆ ମଣ୍ଡପକୁ ବିଜେ କରିବେ। ସେଠାରେ ବନ୍ଦାପନା, ଶୀତଳଭୋଗ ଆଦି ନୀତି ସମାପନ ପରେ ମାର୍କଣ୍ଡ ପୁଷ୍କରିଣୀରେ ମହାପ୍ରଭୁଙ୍କ କାଳିଆଦଳନ ଲୀଳା ଅନୁଷ୍ଠିତ ହେବ। ଏହାପରେ ଶୀତଳଭୋଗ ଓ ବନ୍ଦାପନା ହୋଇ ମହାପ୍ରଭୁ ଦକ୍ଷିଣୀ ଦ୍ୱାର ଦେଇ ବିଜେ କରିବା ପରେ ରତ୍ନସିଂହାସନ ଉପରେ ବିରାଜିତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ କାଳିଆଦଳନ ବେଶରେ ସଜ୍ଜିତ କରାଯିବ।

Desk

## ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ

ବାୟୁ ପ୍ରଦୂଷଣ ଏବଂ ଏହାର ନିରାକରଣ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ସ୍ୱଚ୍ଛ ବାୟୁ ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ଏହି  ଦିବସର ବାର୍ତ୍ତା ରହିଛି ‘ଜଳବାୟୁ କାର୍ଯ୍ୟାନ୍ୱୟନ ପାଇଁ ସ୍ୱଚ୍ଛ ବାୟୁ’। ସ୍ୱଚ୍ଛ ପରିବେଶ ଏବଂ ସ୍ଥାୟୀ ଜୀବନଶୈଳୀର ବାର୍ତ୍ତା ପ୍ରସାର

କରିବା, ବାୟୁର ଗୁଣାତ୍ମକମାନ ବୃଦ୍ଧି ଏବଂ ପ୍ରଦୂଷଣ ହ୍ରାସ କରିବା ଲାଗି ଆନ୍ତର୍ଜାତୀୟ ସ୍ତରରେ ସହଯୋଗ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ଦିବସ ପାଳିତ ହେଉଛି। ୨୦୧୯ ମସିହା ଡିସେମ୍ବର ୧୯ ତାରିଖରେ ଏହି ଦିବସ ପାଳନ ନେଇ ଜାତିସଂଘ ସାଧାରଣ ଅଧିବେଶନରେ ପ୍ରସ୍ତାବ ଗୃହୀତ ହୋଇଥିଲା। ସ୍ୱାସ୍ଥ୍ୟ, ଅର୍ଥନୀତି, ଉତ୍ପାଦକତା ଏବଂ ପରିବେଶ ଉପରେ ସ୍ୱଚ୍ଛ ବାୟୁ ପ୍ରଭାବର ଗୁରୁତ୍ୱ ରହିଛି। ଏଣୁ ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ସହ ସ୍ୱଚ୍ଛବାୟୁ ସମ୍ପର୍କିତ ଜ୍ଞାନ, ନବସୃଜନର ଆବଶ୍ୟକତା ରହିଛି। ଏହି ଅବସରରେ ଆଜି ନୂଆଦିଲ୍ଲୀଠାରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ପୁରସ୍କାର ପ୍ରଦାନ କରାଯାଇଛି। ଏଥିରେ ରାଜ୍ୟର ୪ଟି ସହରକୁ ପୁରସ୍କୃତ କରାଯାଇଛି। ୩ ଲକ୍ଷରୁ କମ୍ ଜନସଂଖ୍ୟା ବିଶିଷ୍ଟ ବର୍ଗରେ ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପାଞ୍ଚଳ ସହର ତଥା ବ୍ୟାସନଗରକୁ ପ୍ରଥମ ପୁରସ୍କାର ମିଳିଛି। ଏହି ବର୍ଗରେ ଅନୁଗୁଳ ଦ୍ୱିତୀୟ ଏବଂ ତାଳଚେର ତୃତୀୟ ସ୍ଥାନ ହାସଲ କରିଛି । ୪ ଲକ୍ଷରୁ ଅଧିକ ଜନସଂଖ୍ୟା ବର୍ଗରେ ରାଉରକେଲା ପ୍ରଥମ ସ୍ଥାନ ହାସଲ କରି ପୁରସ୍କୃତ ହୋଇଛି। ଦେଶର ମୋଟ୍ ୧୩୨ଟି ସହରକୁ ନେଇ ଏଥିପାଇଁ ସର୍ବେକ୍ଷଣ କରାଯାଇଥିଲା ।

Desk

# ବର୍ଜ୍ୟ ପରିଚାଳନା ନିୟମ

ପରିବେଶ ସୁରକ୍ଷା ଏବଂ କଠିନ ବର୍ଜ୍ୟ ପରିଚାଳନାକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର କଠିନ ବର୍ଜ୍ୟ ପରିଚାଳନା ନିୟମ-୨୦୨୬ ଲାଗୁ କରିଛନ୍ତି। ନୂଆ ନିୟମ ଅନୁଯାୟୀ, ଘର, ବ୍ୟବସାୟିକ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ସ୍ଥାନରେ ବର୍ଜ୍ୟ ପରିଚାଳନାକୁ ଚାରୋଟି ବର୍ଗ– ଓଦା, ଶୁଖିଲା, ସାନିଟାରୀ, ସ୍ୱତନ୍ତ୍ର ଯତ୍ନବର୍ଗରେ ପୃଥକ କରିବା ପାଇଁ ବାଧ୍ୟତାମୂଳକ କରାଯାଇଛି। ବର୍ଜ୍ୟର ପୁନଃ ବ୍ୟବହାର, ପୁନଃଚକ୍ରଣ ଓ ପ୍ରକ୍ରିୟାକରଣକୁ ଗୁରୁତ୍ୱ ଦେଇ ସର୍କୁଲାର ଇକୋନୋମି ଓ ପଲ୍ୟୁଟର ପେଜ୍ ପ୍ରିନ୍ସିପୁଲକୁ ମଧ୍ୟ ସାମିଲ କରାଯାଇଛି। ନୂଆ ନିୟମରେ ବର୍ଜ୍ୟ ପରିଚାଳନା ପ୍ରକ୍ରିୟାର ଅନଲାଇନ୍ ଟ୍ରାକିଂ ଓ ନିରୀକ୍ଷଣ ଏବଂ ନିୟମ ଉଲ୍ଲଙ୍ଘନ କ୍ଷେତ୍ରରେ କ୍ଷତିପୂରଣର ବ୍ୟବସ୍ଥା କରାଯାଇଛି।

Rayagada

## ସଫେଇ ଅଭିଯାନ

ରାୟଗଡ଼ା ପୌର ପରିଷଦ ପକ୍ଷରୁ ଆଜି ମା’ ମଝିଘରିଆଣୀ ମନ୍ଦିର ପରିସରରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ପରିବେଶ ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର ଶୁଭାରମ୍ଭ କରିଥିଲେ। ପଦଯାତ୍ରା ସହର ପରିକ୍ରମା କରିବା ସହ ଏଥିରେ ବିଭିନ୍ନ ବିଭାଗର ଅଧିକାରୀ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ପୌରପାଳିକା କର୍ମଚାରୀ ଓ ସାଧାରଣ ଜନତା ଅଂଶଗ୍ରହଣ କରିଥିଲେ।

Subarnpur/Bhadrak

# ଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

ଭଦ୍ରକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ୧୫୨ଟି ଅଭିଯୋଗର ଶୁଣାଣି କରି ତ୍ୱରିତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି।

ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୩୧ଟି ଅଭିଯୋଗର ଶୁଣାଣି କରାଯାଇଛି।

Desk

# ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ବଜ୍ରପାତ ସହ ବର୍ଷା ନେଇ ଆଜି ୨୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଶୁକ୍ରବାର ସୁଦ୍ଧା ଉପକୂଳ, ଆଭ୍ୟନ୍ତରୀଣ ଏବ   ଉତ୍ତର ଓଡ଼ିଶାର କିଛି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ମୌସୁମୀ ଦୁର୍ବଳ ହେବା ଯୋଗୁଁ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ଗୁଳୁଗୁଳି ଓ ତାପମାତ୍ରା

ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ାରେ ସର୍ବାଧିକ ୪୮ ଦଶମିକ ୬ ମିଲିମିଟରର ବର୍ଷା ରେକର୍ଡ କରାଯାଇଛି।